# ନୂଆପଡ଼ା ଜିଲ୍ଲାରେ ମତଦାନ ହାର ୭୬.୫୪ ପ୍ରତିଶତ

## ● ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ମତଦାନ ହାର ବେଶୀ

**ନୂଆପଡ଼ା, ୧୪।୫(ସମିସ):** କଳାହାଣ୍ଡି ସଂସଦୀୟ କ୍ଷେତ୍ର ଅଧୀନ ନୂଆପଡ଼ାରେ ମଙ୍ଗଳବାର ଗଣତନ୍ତ୍ରର ଗଣପର୍ବ ଭୋଟ୍‌ଦାନ ପ୍ରକ୍ରିୟା ଶାନ୍ତି, ଶୃଙ୍ଖଳାର ସହ ଶେଷ ହୋଇଛି। ଏଠାରେ ମତଦାନ ହାର ୭୬.୫୪ହାର ରହିଛି। ସୋମବାର ବିଳମ୍ବିତ ରାତିରେ ମିଳିଥିବା ତଥ୍ୟ ମୁତାବକ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ୩୭ଟି ସେକ୍ଟରରେ ୩୦୨ଟି ବୁଥ୍‌ରେ ଭୋଟ୍ ଗ୍ରହଣ ହୋଇଥିଲା। ଏଥିରେ ୨ଲକ୍ଷ ୪୩ହଜାର ୨୮୭ଜଣ ମତଦାତାଙ୍କ ମଧ୍ୟରୁ ୧ଲକ୍ଷ ୮୧ହଜାର ୮୯୦ଜଣ ମତଦାନ କରିଛନ୍ତି। ଅର୍ଥାତ ୭୪.୭୬ପ୍ରତିଶତ ଭୋଟିଂ ହୋଇଛି। ଏଥିରେ ୧ଲକ୍ଷ ୨୦ହଜାର ୧୩୮ଜଣ ପୁରୁଷ ମତଦାତାଙ୍କ ମଧ୍ୟରୁ ୮୮ହଜାର ୫୯୪ଜଣ ମତଦାନ କରିଛନ୍ତି। ୧ଲକ୍ଷ ୨୩ହଜାର ୧୨୫ଜଣ ମହିଳା ମତଦାତାଙ୍କ ମଧ୍ୟରୁ ୯୩ହଜାର ୨୯୩ ମତଦାନ କରିଛନ୍ତି। ସେହିଭଳି ଖଡିଆଳ ବିଧାନସଭା ନିର୍ବାଚନମଣ୍ଡଳୀରେ ୩୦୨ଟି ବୁଥ୍‌ରେ୨ଲକ୍ଷ ୫୩ହଜାର ୨୪ଜଣ ମତଦାତାଙ୍କ ମଧ୍ୟରୁ ୧ଲକ୍ଷ ୯୭ହଜାର ୯୯୦ଜଣ ମତଦାନ କରିଛନ୍ତି। ଅର୍ଥାତ ୭୮.୨୫ପ୍ରତିଶତ ଭୋଟିଂ ହୋଇଛି। ଏଥିରେ ୧ଲକ୍ଷ ୨୬ହଜାର ୯୩୫ଜଣ ପୁରୁଷ ମଧ୍ୟରୁ ୯୭ହଜାର ୧୭୨ଜଣ ମତଦାନ କରିଛନ୍ତି। ୧ଲକ୍ଷ ୨୬ହଜାର ୭୨ଜଣ ମହିଳା ମତଦାତାଙ୍କ ମଧ୍ୟରୁ ୧ଲକ୍ଷ ୮୧୬ଜଣ ମତଦାନ କରିଛନ୍ତି।



# ମାଓବାଦୀଙ୍କ ଗଡ଼ କାଠଫେଁରରେ ଚ୍ୟାଲେଞ୍ଜ ଥିଲା ପୋଲିଂ

**ନୂଆପଡ଼ା, ୧୪।୫(ସମିସ):** ୨୦୧୯-ସାଧାରଣ ନିର୍ବାଚନ ସମୟରେ ମାଓବାଦୀ କାଠଫେଁରରେ ନିର୍ବାଚନରୁ ଲୋକଙ୍କୁ ନିବୃତ୍ତ ରହିବାକୁ ଚେତାବନୀ ଦେଇଥିବା ହେତୁ ମତଦାନ ଶୂନ ହୋଇଥିଲା। କେବଳ ପୋଲିଂ ପାର୍ଟି ବୁଥ୍‌ରେ ଉପସ୍ଥିତ ରହିବା ସାର ହୋଇଥିଲା। ଜଣେ ବି ଭୋଟର ମତଦାନ ସକାଶେ ଆସି ନ ଥିଲେ; ହେଲେ ଏଥର ଜିଲ୍ଲା ପ୍ରଶାସନ ଭୋଟିଂ କରିବାରେ ସଫଳ ହୋଇଛି। ଏଥି ପୂର୍ବରୁ ପୁଲିସ ତରଫରୁ ସବୁ ପ୍ରକାର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କାଠଫେଁର ଅଞ୍ଚଳକୁ କଡା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଥିଲା। ନିର୍ବାଚନର ୨ ଦିନ ପୂର୍ବରୁ ପୋଲିଂ ପାର୍ଟି କାଠଫେଁର ଅଭିମୁଖେ ବାହାରିଥିଲା; ହେଲେ ସୁରକ୍ଷା ଦୃଷ୍ଟି କୋଣରୁ ଏହି ଟିମ୍‌କୁ ଖଡୁପାଣି ସିଆରପିଏଫ୍ କ୍ୟାମ୍ପରେ ଶନିବାର ରହିବାକୁ ପଡ଼ିଥିଲା। ରବିବାର ସକାଳୁ ସୁରକ୍ଷା ବଳୟ ମଧ୍ୟରେ ଦୀର୍ଘ ୫କିମି ଦୂର ପାହାଡ଼ ଚଢି ଅତିକ୍ରମ କରିଥିଲେ। ପ୍ରିଜାଇଡିଂ ଅଧିକାରୀ ଅଜୟ ତିର୍କିଙ୍କ ନେତୃତ୍ୱରେ ପୋଲିଂ ଅଧିକାରୀ ନିଗମ ବେହେରା, ଗଦାଧର ମାଝୀ, ବିଚିତ୍ରା ଅଣ୍ଡେଗା, ହେମକୁମାର ମାଝୀ, ରଘୁନାଥ ଶବର ପ୍ରମୁଖ ଟିମ୍‌ରେ ସାମିଲ ଥିଲେ। ସୋମବାର ମତଦାନ ହୋଇଥିଲା। ଗଣତନ୍ତ୍ରର ଗଣପର୍ବରେ ଗାଁ ଲୋକେ ସହଯୋଗ କରିଥିଲେ। ୫ ବର୍ଷ ପରେ ମତଦାନ କରୁଥିବାରୁ ସମସ୍ତଙ୍କ ମଧ୍ୟରେ ଉତ୍ସାହ ରହିଥିଲା। ଗାଁରେ ସକାଳ ୭ଟାରୁ ମଧ୍ୟାହ୍ନ ମଧ୍ୟରେ ସମସ୍ତ ମତଦାନ ହୋଇଥିଲା। ଏଠାରେ ମୋଟ ମତଦାତାଙ୍କ ସଂଖ୍ୟା ୩୬୧ରହିଥିବାବେଳେ ଏଥିରୁ ୨୩୩ଜଣ ଅର୍ଥାତ ୬୪.୫୪ ପ୍ରତିଶତ ମତଦାନ ହୋଇଥିଲା। ଏଥିରେ ୧୧୭ ପୁରୁଷ ଭୋଟର ଏବଂ ୧୧୬ଜଣ ମହିଳା ମତଦାନ କରିଥିଲେ। ସଂଧ୍ୟା ସୁଦ୍ଧା ସମସ୍ତ ପୋଲିଂ ଟିମ୍ ସୁରକ୍ଷିତ ଭାବେ ନୂଆପଡ଼ା ଫେରିଥିଲେ। ଏହି ଦୁର୍ଗମ ଅଞ୍ଚଳରେ ନିର୍ବାଚନ କାର୍ଯ୍ୟକ୍ରମ ପରିଚାଳନା କରିବା ଏକ ଚ୍ୟାଲେଞ୍ଜ ଥିଲା ବୋଲି କହି ପ୍ରିଜାଇଡିଂ ଅଧିକାରୀ ଅଜୟ ତିର୍କୀ ପୁଲିସ ଏବଂ ଜିଲ୍ଲା ପ୍ରଶାସନର ଉଦ୍ୟମକୁ ପ୍ରଶଂସା କରିଛନ୍ତି।

## ■ ୬୪ ପ୍ରତିଶତ ଭୋଟ୍ ଗ୍ରହଣ କରି ଫେରିଲା ଟିମ୍



## କଳାହାଣ୍ଡିରେ ୭୮.୪୬ ପ୍ରତିଶତ ମତଦାନ

# ପୁରୁଷଙ୍କ ଅପେକ୍ଷା ମହିଳା ମତଦାତାଙ୍କ ସଂଖ୍ୟା ଅଧିକ





**ଭବାନୀପାଟଣା, ୧୪।୫(ସମିସ)**

କଳାହାଣ୍ଡି ଜିଲ୍ଲାର ୫ଟି ନିର୍ବାଚନମଣ୍ଡଳୀରେ ସୋମବାର ଶାନ୍ତି ଶୃଙ୍ଖଳାର ସହିତ ମତଦାନ ଶେଷ ହୋଇଯାଇଛି। ସନ୍ଧ୍ୟା ୫ଟା ସୁଦ୍ଧା ପ୍ରାପ୍ତ ରିପୋର୍ଟ ଅନୁସାରେ ୬୭.୩୭ ମତଦାନ ହୋଇଥିବା ଜଣା ପଡ଼ିଥିଲା। ପୋଲିଙ୍ଗ ପାର୍ଟି ଫେରିବା ପରେ ସମସ୍ତ ବୁଥର ବିବରଣୀ ଆଧାରରେ ରାତ୍ର ୩ଟା ସମୟରେ ଚୂଡାନ୍ତ ମତଦାନ ହାର ୭୮.୪୬ ପ୍ରତିଶତ ହୋଇଥିବା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। କଳାହାଣ୍ଡି ଜିଲ୍ଲାରେ ମୋଟ ମତଦାତା ୧୨୦୪୪୬୯ ଜଣଙ୍କ ମଧ୍ୟରୁ ୯୪୫୦୬୭ ଜଣ ମତଦାନ କରିଛନ୍ତି। ମତଦାନ ହାର ୭୮.୪୬ ପ୍ରତିଶତ ବୋଲି ଜଣାଯାଇଛି। ତେବେ ଖୁସିର ବିଷୟ ଯେ ଚଳିତ ନିର୍ବାଚନରେ ମହିଳା ମତଦାତାଙ୍କ ସଂଖ୍ୟା ପୁରୁଷ ମତଦାତାଙ୍କଠାରୁ ଅଧିକ। ଜିଲ୍ଲାରେ ପୁରୁଷ ମତଦାତା ୪୬୮୦୪୬ ଜଣ ମତଦାନ କରିଥିବାବେଳେ ୪୭୭୦୦୨ ଜଣ ମହିଳା ମତଦାତା ସେମାନଙ୍କ ମତଦାନ କରି ରେକର୍ଡ ସୃଷ୍ଟି କରିଛନ୍ତି। ଜିଲ୍ଲାର ୫ଟି ନିର୍ବାଚନୀମଣ୍ଡଳୀରେ ବେଶ ଉତ୍ସାହର ସହ ମତଦାନ କାର୍ଯ୍ୟରେ ସମସ୍ତେ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। ତଥାପି କେତେକ ବୁଥରେ ପୋଲିଙ୍ଗ ଦଳ ନିଜ ଦାୟିତ୍ୱକୁ ତ୍ୱରାନ୍ୱିତ ନ କରିବା କାରଣରୁ ମତଦାନରୁ ବହୁ ମତଦାତା ବଞ୍ଚିତ ହୋଇଥିବା କୁହାଯାଇଛି। ଡିଲେ ପ୍ରୋସେସ ଏହାର ମୁଖ୍ୟ କାରଣ ହୋଇଛି। ପାଗ ଅନୁକୂଳ ଥିବାରୁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବୁଥ ଗୁଡିକରେ ଭିଡ଼ ଜମିଥିଲା। କିନ୍ତୁ ଶେଷରେ କେତେକ ଭୋଟର ନିଜ ଭୋଟ ଦେଇ ନ ପାରି ନିରାଶ ହୋଇ ଫେରିଥିଲେ। ଜିଲ୍ଲାର ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀରେ ୧୭୬୨୯୭ ଜଣ ମତଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ପୁରୁଷ ମତଦାତା ସଂଖ୍ୟା ୮୫୧୧୮ ଥିବାବେଳେ ମହିଳା ମତଦାତା ୯୧୧୭୩ ଜଣ ସେମାନଙ୍କ ମୂଲ୍ୟବାନ ମତ ନିଜ ପ୍ରିୟ ନେତାଙ୍କ ସପକ୍ଷରେ ଦେଇଛନ୍ତି। ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀରେ ୭୬.୫୫ ପ୍ରତିଶତ ମତଦାନ ହୋଇଛି। ଧର୍ମଗଡ଼ ନିର୍ବାଚନମଣ୍ଡଳୀରେ ୨୦୮୪୩୯ଜଣ ମତଦାନ କରିଛନ୍ତି। ସେମାନଙ୍କ ଭିତରେ ପୁରୁଷ ମତଦାତା ୨୦୨୭୬୬ ଓ ମହିଳା ମତଦାତା ୧୦୫୬୭୧ଜଣ। ଏହି ନିର୍ବାଚନମଣ୍ଡଳୀର ମତଦାନ ହାର ୭୯.୬୫ ପ୍ରତିଶତ। ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ମୋଟ ମତଦାତା ସଂଖ୍ୟା ୧୭୭୯୯୦ଜଣ। ପୁରୁଷ ମତଦାତା ହେଲେ ୮୯୧୮୦ ଏବଂ ମହିଳା ମତଦାତା ୮୮୮୦୫ଜଣ ବୋଲି ଜଣାପଡ଼ିଛି। ତେବେ ମତଦାନ ହାର ୭୬.୦୩ ହୋଇଛି। ଜୁନାଗଡ଼ ନିର୍ବାଚନମଣ୍ଡଳୀରେ୧୯୭୭୫୩ ଜଣ ମତଦାତା ସେମାନଙ୍କ ମୂଲ୍ୟବାନ ଭୋଟ ଦେଇ ନେତାଙ୍କ ଭାଗ୍ୟ ନିର୍ଣ୍ଣୟ କରିଛନ୍ତି। ସେମାନଙ୍କ ଭିତରେ ପୁରୁଷ ମତଦାତା ୯୮୭୩୪ ଜଣ ଓ ମହିଳା ମତଦାତାଙ୍କ ସଂଖ୍ୟା ୯୯୦୧୮ ଜଣ। ମତଦାନ ହାର ୮୦.୨୪ ପ୍ରତିଶତ ବୋଲି ଜଣାପଡ଼ିଛି। ଏହି ନିର୍ବାଚନମଣ୍ଡଳୀରେ ମତଦାତାଙ୍କ ସଂଖ୍ୟା ଅନ୍ୟ ନିର୍ବାଚନମଣ୍ଡଳୀଠାରୁ ଅଧିକ। ନର୍ଲା ନିର୍ବାଚନମଣ୍ଡଳୀରେ ୧୮୪୫୮୮ଜଣ ମତଦାନ କରିଥିଲେ। ପୁରୁଷ ମତଦାତା ଥିଲେ ୯୨୨୪୮ ଏବଂ ମହିଳା ମତଦାତା ୯୨୩୩୫ଜଣ। ଏହି ନର୍ଲା ନିର୍ବାଚନ ମଣ୍ଡଳୀରେ ୭୯.୬୦ ପ୍ରତିଶତ ମତଦାତା ଭୋଟ ଦେଇ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ।

### କେସିଙ୍ଗା ଏନ୍ଏସି ସମେତ ୧୭ ପଞ୍ଚାୟତରେ ମତଦାନ ଶେଷ

## ସମସ୍ତ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ

**କେସିଙ୍ଗା, ୧୩।୫(ସମିସ):** କଳାହାଣ୍ଡି ସଂସଦୀୟ କ୍ଷେତ୍ରରେ ସୋମବାର ଗଣତନ୍ତ୍ରର ମହାନ୍ ପର୍ବ ନିର୍ବାଚନ ପ୍ରକ୍ରିୟା ଶାନ୍ତି, ଶୃଙ୍ଖଳାର ସହ ଶେଷ ହୋଇଛି। ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇ ରହିଛି। କେସିଙ୍ଗା ଏନ୍ଏସି ସମେତ ୧୭ ପଞ୍ଚାୟତର ପ୍ରାୟ ୯୦ ହଜାର ଭୋଟର ନିଜର ଲୋକସଭା ଓ ବିଧାନସଭା ପ୍ରାର୍ଥୀ ଚୟନରେ ମତବ୍ୟକ୍ତ ସାବ୍ୟସ୍ତ କରିଛନ୍ତି। ଅନୁକୂଳ ପାଗ ଯୋଗୁଁ ସମସ୍ତ ପୋଲିଂ ବୁଥ୍‌ରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରଶାସନ ପକ୍ଷରୁ ବୟସ୍କ ଓ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ବ୍ୟବସ୍ଥା କରାଯାଇଥିଲା। ଶାନ୍ତି, ଶୃଙ୍ଖଳା ରକ୍ଷା ସକାଶେ ପୁଲିସ ମୁତୟନ କରାଯାଇଥିଲା। କେସିଙ୍ଗା ଏନ୍ଏସିର ପ୍ରତ୍ୟେକ ୱାର୍ଡରେ ସନ୍ଧ୍ୟା ୭ ଘଣ୍ଟା ପର୍ଯ୍ୟନ୍ତ ଭୋଟର ମତଦାନ କରିଥିଲେ। ୧୦ ନମ୍ବର ବୁଥ୍‌ରେ ରାତି ୧୦ ଟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା।



# ହାତଗୋଡ଼ ବନ୍ଧା ଯୁବକଙ୍କ ମୃତଦେହ ଉଦ୍ଧାର

**କେସିଙ୍ଗା, ୧୪।୫(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ପରଲସିଙ୍ଗା ପଞ୍ଚାୟତ ବେଲାମାଲ ଦେହେରେନ ଯୋର ନିକଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଉଛନ୍ତି ପରଲସିଙ୍ଗା ପଞ୍ଚାୟତ ରହେନପଡ଼ାର ବିରଞ୍ଚି ନାଏକ (୩୫)। ପରିବାର ଲୋକଙ୍କ କହିବା ଅନୁସାରେ ବିରଞ୍ଚି ୧୨ ତାରିଖ ଘରୁ ବାହାରି ଫେରି ନ ଥିଲେ। ୧୩ ତାରିଖ ନିର୍ବାଚନ ଥିବାରୁ ଗାଆଁର ସମସ୍ତେ ମତଦାନରେ ବ୍ୟସ୍ତ ରହିଯାଇଥିଲେ। ଏଣୁ ଖୋଜା ଖୋଜି କରି ନ ଥିଲେ। ମତଦାନ ସରିବା ପରେ ସନ୍ଧ୍ୟାରେ ଗାଆଁର କେତେକ ଯୁବକ ଶୌଚ ପାଇଁ ଯୋର ନିକଟକୁ ଯାଇଥିବା ବେଳେ ହାତଗୋଡ ବନ୍ଧା ଅବସ୍ଥାରେ ମୃତଦେହ ଦେଖି ଗାଆଁରେ ଖବର ଦେଇଥିଲେ। ପରେ ଗ୍ରାମବାସୀ କେସିଙ୍ଗା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ଆଣିବା ସହ ହତ୍ୟାକାରୀଙ୍କୁ ଯଥା ଶୀଘ୍ର ଧରି ଦଣ୍ଡ ଦେବା ପାଇଁ ପୁଲିସକୁ ଗୁହାରି କରିଛନ୍ତି। ହତ୍ୟା ଅଭିଯୋଗ ମିଳିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

● ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

● ପୁଲିସର ତଦନ୍ତ ଆରମ୍ଭ

# କଂକ୍ରିଟ୍ ରାସ୍ତାକୁ କଦର୍ଯ୍ୟ କରୁଛି ଠିକା କମ୍ପାନୀ

**କୋମନା, ୧୪।୫(ସମିସ):** ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗାଁ ଗହଳିର ରାସ୍ତାକୁ ପକ୍କା କରି ଲୋକଙ୍କ ଗମନା ଗମନ ଲାଗି ସୁବିଧା କରୁଛନ୍ତି। ପାନୀୟ ଜଳ ଯୋଗାଣ ପାଇଁ ଗାଁ ଗାଁରେ ମେସିନ ଦ୍ୱାରା ପାଇପ୍ ପୋତା କାର୍ଯ୍ୟ ଚାଲିଛି। ଏହାଦ୍ୱାରା କଂକ୍ରିଟ ରାସ୍ତା ସମ୍ପୂର୍ଣ୍ଣ ଖରାପ ହେଉଛି। ବର୍ତ୍ତମାନ ମହୁଲଭଟାରେ ଏକ ଠିକା କମ୍ପାନୀ ପାଇପ୍ ପୋତା ସ୍ଥାନରେ ହୋଇଥିବା କଂକ୍ରିଟ ରାସ୍ତାକୁ ମେସିନରେ କାଟି ମରାମତି କରୁଛି। ମରାମତି ପରେ ରାସ୍ତା ମରାମତି ନ କରି ସେମିତି ଛାଡ଼ି ଦେଉଛି। ଏଣୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।



# ବିକାଶ ଶିକ୍ଷାନୁଷ୍ଠାନ ପକ୍ଷରୁ ଜିଲ୍ଲା ଟପ୍ପରଙ୍କୁ ଶୁଭେଚ୍ଛା

**ଭବାନୀପାଟଣା, ୧୪।୫(ସମିସ):** କେନ୍ଦ୍ରୀୟ ଶିକ୍ଷା ପରିଷଦ ନୂଆଦିଲ୍ଲୀ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ଇତିମଧ୍ୟରେ ପ୍ରକାଶ ପାଇଛି। କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ବିକାଶ ଆବାସିକ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ପୂରବ ବେହେରା ୯୮.୨ ପ୍ରତିଶତ ନମ୍ବର ରଖି ଜିଲ୍ଲା ଟପର ହୋଇଛନ୍ତି। ତାଙ୍କୁ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସେହିଭଳି ଅନୁଷ୍ଠାନର ହେମନ୍ତ ଅଗ୍ରୱାଲ ୯୬ ପ୍ରତିଶତ, ସିଦ୍ଧାର୍ଥ ଶେଖର ଭୋଇ ୯୬ ପ୍ରତିଶତ, ଅର୍ମନ୍ ଭରଦ୍ୱାଜ ୯୫.୮ ପ୍ରତିଶତ, ମିହିର ରଞ୍ଜନ ମାସ୍ରା ୯୫.୨ ପ୍ରତିଶତ, ପ୍ରୀୟାଂଶୁ ସାହୁ ୯୫.୨ ପ୍ରତିଶତ, ରୋନକରାଜ ପୁରୋହିତ ୯୫ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହେବା ସହ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି।

ସେହିଭଳି ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ବୋର୍ଡ ପରୀକ୍ଷାରେ ଶାଶ୍ୱତ ପାଣିଗ୍ରାହୀ ୯୩ ପ୍ରତିଶତ ଓ ସୌରଭ ପାଣିଗ୍ରାହୀ ୯୨.୨ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହେବା ସହ ଅନୁଷ୍ଠାନ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଚଳିତ ବର୍ଷର ଏହି ଆଶାତୀତ ଫଳାଫଳରେ ସମସ୍ତ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ଅଭିଭାବକମାନେ ଅନୁଷ୍ଠାନର ପରିଚାଳନା ସଦସ୍ୟ, ଅଧ୍ୟକ୍ଷ, ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ଫଳାଫଳକୁ ନେଇ ଅନୁଷ୍ଠାନର ନିର୍ଦ୍ଦେଶକ ଡି.ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି.ରାମ କୁମାର, ଶିକ୍ଷା ପ୍ରଭାରୀ ଡି.ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି.ପଦ୍ମିନୀ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ଆରତୀ ମିଶ୍ର, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଯୁବରାଜ ନାୟକ ପ୍ରମୁଖ ଅଭିଭାବକମାନଙ୍କର ବିକାଶ ଶିକ୍ଷାନୁଷ୍ଠାନ ଉପରେ ଥିବା ଅତୁଟ ବିଶ୍ୱାସ, ଭରସା ଓ ସହଯୋଗ ନିମନ୍ତେ ଧନ୍ୟବାଦ ଓ ଅଭିନନ୍ଦନ ଜଣାଇବା ସହ ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



# ବେଲଗାମ୍ ଗୋଚାଲାଣ; ନିରବ ପୁଲିସ୍ ଓ ପ୍ରଶାସନ

**ନର୍ଲା, ୧୪।୫(ସମିସ)**

ଭାରତୀୟ ପରମ୍ପରା ଓ ସଂସ୍କୃତିରେ ଗୋମାତାଙ୍କୁ ମାତୃ ସ୍ଥାନୀୟ ମାନ୍ୟତା ଦିଆଯାଇଛି। ହିନ୍ଦୁ ଧର୍ମରେ ଗୋମାତାଙ୍କୁ ପୂଜା କରାଯାଏ। କିନ୍ତୁ ଅର୍ଥ ସର୍ବସ୍ୱ ଆଜିର ସମାଜରେ ଏସବୁର ମୂଲ୍ୟ କିଛି ରହୁନାହିଁ। ଗୋସମ୍ପଦ ଆଜି ଲୋକଙ୍କ ପାଇଁ ଏକ ଉତ୍ତମ ଓ ଲାଭକରୀ ବ୍ୟବସାୟରେ ପରିଣତ ହୋଇଛି। ଗୋମାତା ଏବେ ପଣ୍ୟ ସାମଗ୍ରୀ ଭାବରେ ବିବେଚିତ ହେଉଛି। ଗୋସମ୍ପଦର ସୁରକ୍ଷା ପାଇଁ ଆଇନରେ ଅନେକ ବ୍ୟବସ୍ଥା ଥିଲେ ମଧ୍ୟ ଆଇନକୁ କାର୍ଯ୍ୟକାରୀ କରିବା କରିବା ଦିଗରେ କାହାରି ଆନ୍ତରିକତା ଦେଖାଯାଉନାହିଁ। ଦିନ ଦ୍ୱିପହରରେ ବେଆଇନ ଭାବରେ ଗୋଚାଲାଣ ହେଉଥିଲେ ହେଁ ତାକୁ ରୋକିବା ପାଇଁ କିମ୍ବା ନିୟନ୍ତ୍ରଣ କରିବାରେ କେହି ସଚେତନ ନୁହନ୍ତି।

ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଯେଉଁଠାରେ ଗୋହତ୍ୟା ନିଷେଧ ଆଇନ୍ ଆସିଥିଲା। ହେଲେ ବର୍ତ୍ତମାନ ପରିସ୍ଥିତିରେ ସବୁଠାରୁ ଅଧିକ ଗୋଚାଲାଣ ଓଡ଼ିଶାରୁ ହିଁ ହେଉଛି। ପ୍ରତିଦିନ ଗୋଚାଲାଣ ସମ୍ବନ୍ଧୀୟ ଖବର ସମ୍ବାଦପତ୍ରରେ ଦେଖାଯାଉଛି। କିନ୍ତୁ ପୁଲିସ୍ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଗୋହତ୍ୟାକୁ ନେଇ ମହାତ୍ମା ଗାନ୍ଧୀ କହୁଥିଲେ 'ମୁଁ ଗାଇକୁ ପୂଜା କରେ ଓ ଗାଇ ପୂଜାର ସମର୍ଥନ କରିବା ପାଇଁ ସମଗ୍ର ବିଶ୍ୱର ମୁକାବିଲା କରିବା ପାଇଁ ପ୍ରସ୍ତୁତ ଅଛି'। କିନ୍ତୁ ବିଡ଼ମ୍ବନାର ବିଷୟ ହେଲା ଆଜିର ସମାଜରେ ଗୋମାତାର ପୂଜା ତ ଦୂରର କଥା ତା ପାଇଁ ସାମାନ୍ୟତମ ଦରଦ କିମ୍ବା ସମ୍ବେଦନା ଦେଖାଯାଉନାହିଁ। ପ୍ରଚଣ୍ଡ ଖରାରେ ଶହଶହ କିଲୋମିଟର ଗୋରୁଙ୍କୁ ଚଲେଇ ନେଲାବେଳେ ରାସ୍ତରେ ବୁଢାହଡା ଗୋରୁ ଚାଲି ନ ପାରିଲେ ତାକୁ ଅତି ନିର୍ମମ ଭାବରେ ମାଡ଼ ମାରିବା ଏପରିକି ଅଚଳ ହୋଇପଡ଼ିଲେ ତା'କୁ ରାସ୍ତା କଡ଼ରେ ହତ୍ୟା କରି ତା'ର ଚମଡା ଓ ମାଂସ ନେଇ ଚାଲିଯିବା ପରି ଘଟଣା ମଧ୍ୟ ଦେଖାଯାଇଛି। ଏପରି ଘଟଣା ଦେଖିବାକୁ ମିଳୁଛି ନର୍ଲା ବ୍ଲକ ବାଲିପଡ଼ା ସାପ୍ତାହିକ ବଜାରରେ। ପ୍ରତି ସୋମବାର ଶହଶହ ଗୋରୁ କିଣାବିକା ହୁଏ। କେବଳ ଏହି ଅଞ୍ଚଳ ନୁହେଁ ବଲାଙ୍ଗୀର, ସୋନପୁର, ବୌଦ୍ଧ ଜିଲ୍ଲାରୁ ମଧ୍ୟ ଗୋରୁ ଆସି ବଜାରରେ ଠୁଳ ହୁଅନ୍ତି। ଆନ୍ଧ୍ର ବ୍ୟବସାୟୀଙ୍କ କବଜାରେ ସମଗ୍ର ବଜାର ନିୟନ୍ତ୍ରିତ ହେଉଥିବାରୁ ସ୍ଥାନୀୟ ଲୋକଙ୍କ ପାଇଁ ଏଠାରେ ଗୋରୁ କିଣାବିକା କାଠିକର ପାଠ ହୋଇଥାଏ। ଆର୍ଏମ୍ସି ଅଧିନରେ ଏହି ବଜାର ରହୁଥିଲେ ହେଁ ଆନ୍ଧ୍ର ବ୍ୟବସାୟୀଙ୍କ ସହ ଆର୍ଏମ୍ସି କର୍ମଚାରୀ ଓ ପୁଲିସର ସଲାସୁତୁରା ଯୋଗୁଁ ସମସ୍ତେ ନିରବ ରହୁଛନ୍ତି। ବଜାରରେ ଲକ୍ଷ ଲକ୍ଷ ଟଙ୍କା କାରବାର ହେଉଥିବାବେଳେ ଜାଲିଆତି କରି କମ୍ ଟିକସ ଆଦାୟ ଦେଖାଇ ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ଫଳରେ ପ୍ରତି ସପ୍ତାହରେ ଆର୍ଏମ୍ସିର ହଜାର ହଜାର ଟଙ୍କା କ୍ଷତି ହେଉଥିବା ଅଭିଯୋଗ ହୋଇଆସୁଛି। ବେଆଇନ ଗୋଚାଲାଣ ରୋକିବାକୁ ସରକାରଙ୍କ ତରଫରୁ ବହୁ ଆଇନ୍ ରହିଛି। ପ୍ରିଭେନସନ୍ ଅଫ୍ କ୍ରୁଏଲ୍ଟି ଆନିମଲ (ପିସିଏ) ଆକ୍ଟ ଅନୁଯାୟୀ ଏକ ସୁସ୍ଥ ସବଳ ଗୋରୁ ହିଁ ବିକ୍ରି ଯୋଗ୍ୟ ହୋଇପାରିବ। ଜଣେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ସୁସ୍ଥ ପ୍ରମାଣିତ ହେଲା ପରେ ହିଁ ଗୋରୁ ବିକ୍ରି ଯୋଗ୍ୟ ହୁଏ। ଦୈନିକ ୨୫ କିଲୋମିଟରରୁ ଅଧିକ ଏବଂ ସନ୍ଧ୍ୟାରେ କିମ୍ବା ରାତିରେ ଚଲେଇ ନେବା ସମ୍ପୂର୍ଣ୍ଣ ଭାବରେ ବାରଣ ରହିଛି। ଗାଡ଼ିରେ ପରିବହନ କରିବାକୁ ହେଲେ ଗାଡ଼ିର ଚଟାଣରେ ଆଣ୍ଟି ସ୍ଲିପରି ମ୍ୟାଟ୍ରେସ୍ ବିଛାଇବା ସହ ଯଥେଷ୍ଟ ସ୍ଥାନ ଦେବା ଆବଶ୍ୟକ। ଗୋରୁ ବଜାରରେ ଗୋରୁଙ୍କ ପାଇଁ ଖାଦ୍ୟ, ପାଣି ଓ ବିଶ୍ରାମ ପାଇଁ ଯଥେଷ୍ଟ ସୁବିଧା ଉପଲବ୍ଧ ହେବା ଦରକାର। ପ୍ରାଣୀ ଚିକିତ୍ସକଙ୍କ ଉପସ୍ଥିତି ନିହାତି ଆବଶ୍ୟକ। ପରିତାପର ଏଠାରେ ଏସବୁ ପ୍ରତି କାହାରି ଦୃଷ୍ଟି ନାହିଁ। ଶହଶହ ଗୋରୁଙ୍କୁ ରାସ୍ତାରେ ଚଲେଇ ଚଲେଇ ଯାନବାହାନ ତଥା ସାଧାରଣ ଲୋକଙ୍କ ଯାତାୟାତ କଷ୍ଟକର ହୋଇଥାଏ। ତେବେ ଏସବୁ ଆଇନ୍ ବିରୋଧୀ ବ୍ୟବସାୟ ନିତିଦିନ ପୁଲିସ୍ ଓ ପ୍ରଶାସନ ସମ୍ମୁଖରେ ହେଉଥିବା ବେଳେ ସେମାନଙ୍କ ପାଖରେ ଏଥିପାଇଁ ତିଳେ ହେଲେ ତତ୍ପରତା ଦେଖାଯାଉନାହିଁ। ଏପରି ବେଆଇନ ଗୋରୁ ଚାଲାଣ ନେଇ ଅତୀତରେ ଅନେକ ବିବାଦ ସୃଷ୍ଟି ହୋଇଛି। ଏକାଧିକ ଥର ମାମଲା ଥାନାରେ ପହଞ୍ଚିଛି। କିନ୍ତୁ ପ୍ରଶାସନ ଓ ପୁଲିସର ଚାପରେ ମାମଲା ଗୁଡ଼ିକ ରଫାଦଫା ହୋଇଯାଇଛି। ଗତ କିଛି ମାସ ତଳେ ଅଞ୍ଚଳର କିଛି ବୁଦ୍ଧିଜୀବୀ ଓ ସମାଜସେବୀ ନର୍ଲା ଥାନାରେ ଏନେଇ ଅଭିଯୋଗ କରିଥିଲେ। ହେଲେ ତାହାର ସୁଫଳ କିଛି ମିଳିନାହିଁ। ଏଦିଗରେ ପୁଲିସ୍ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।



# ଘରେ ଲାଗିଲା ନିଆଁ



**ରୁପ୍ରାରୋଡ, ୧୪।୫(ସମିସ):** କଳାହାଣ୍ଡି ଜିଲ୍ଲାର ନର୍ଲା ରୁପ୍ରାରୋଡସ୍ଥ ରାମ ପ୍ରସାଦ ଅଗ୍ରୱାଲଙ୍କ ଘରେ ମଙ୍ଗଳବାର ଅପରରାହ୍ଣ ସାଢ଼େ ଗୋଟାଏ ବେଳେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି କ୍ଷତି ହୋଇଥିବା ଜଣାପଡ଼ିଛି। ଘରେ ଥିବା କାର୍ଟୁନ୍ ଗୁଡିକରେ ନିଆଁ ଲାଗି ଚାରିଆଡେ ବ୍ୟାପି ଯାଇଥିଲା। ପରିବାର ଲୋକ ଓ ପଡୋଶୀ ନିଆଁ ଲିଭାଇବା ପାଇଁ ଉଦ୍ୟମ କରି ସଫଳ ହୋଇ ନଥିଲେ। ରୁପ୍ରାରୋଡ ମାରୱାଡ଼ି ଯୁବାମଞ୍ଚର ପୂର୍ବତନ ସଭାପତି ବଣ୍ଟି ଖେତନ୍ ଅଗ୍ନିଶମ ବିଭାଗକୁ ସୂଚନା ଦେବାରେ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

# ଭୋଟ୍‌ଦେଲେ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ

**ସୋନପୁର, ୧୪।୫ (ସମିସ):** ଦେଶରେ ଏଥର ପ୍ରଥମ ଥର ପାଇଁ ସାଧାରଣ ନିର୍ବାଚନରେ ନିର୍ବାଚନ କମିଶନ ଦିବ୍ୟାଙ୍ଗ ଏବଂ ବରିଷ୍ଠ ବ୍ୟକ୍ତିମାନଙ୍କ ପାଇଁ ପୋଷ୍ଟାଲ୍ ବାଲାଟ୍ ମାଧ୍ୟମରେ ମତଦାନ ସୁବିଧା ଆରମ୍ଭ କରିଛନ୍ତି। ମଙ୍ଗଳବାର ଜିଲ୍ଲାରେ ୪୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ଏବଂ ୮୫ ବର୍ଷରୁ ଅଧିକ ବରିଷ୍ଠ ନାଗରିକଙ୍କ ପାଇଁ ପୋଷ୍ଟାଲ୍ ବେଲଟ ମାଧ୍ୟମରେ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ବର୍ଗର ଯେଉଁମାନେ ମତଦାନ କରିବା ପାଇଁ ଆଗ୍ରହୀ ଅଥଚ ଶାରୀରିକ ଅକ୍ଷମତା ପାଇଁ ଭୋଟ ଗ୍ରହଣ କେନ୍ଦ୍ରକୁ ଯାଇ ପାରିବେ ନାହିଁ ସେମାନେ ପୂର୍ବରୁ ୧୨- ଡି ଫର୍ମରେ ଆବେଦନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ରାଜେନ୍ଦ୍ର ମାଝୀଙ୍କ ତତ୍ତ୍ୱାବଧାନରେ ସୋନପୁର ନିର୍ବାଚନ ମଣ୍ଡଳୀ ପାଇଁ ୫ଟି ଟିମ୍ ଏବଂ ବୀରମହାରାଜପୁର ସଂରକ୍ଷିତ ନିର୍ବାଚନ ମଣ୍ଡଳୀ ପାଇଁ ୪ଟି ଟିମ୍ ନିର୍ଦ୍ଦିଷ୍ଟ ଗାଁ ଗାଁ ବୁଲି



ମତଦାନ ଗ୍ରହଣ କରୁଛନ୍ତି। ପ୍ରତି ଟିମ୍‌ରେ ଦୁଇଜଣ ପୋଲିଂ ଅଫିସର, ଜଣେ ମାଇକ୍ରୋ ଅବଜାରଭର, ଜଣେ ଭିଡିଓ ଗ୍ରାଫର, ଦୁଇ ଜଣ ସୁରକ୍ଷା କର୍ମୀ ରହିଛନ୍ତି। ଶାନ୍ତି, ଶୃଙ୍ଖଳାର ସହିତ ପୋଷ୍ଟାଲ ମତଦାନ ଗ୍ରହଣ କରାଯାଇଛି।

ଏହି ପ୍ରକ୍ରିୟାରେ ସମସ୍ତ ପ୍ରକାର ପାରଦର୍ଶିତା ଅନୁପାଳନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଜିଲ୍ଲାର ଉଭୟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହି ବର୍ଗରେ ସମୁଦାୟ ୭୪ ଜଣ ମତଦାତା ରହିଛନ୍ତି। ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୨ ଜଣ ବରିଷ୍ଠ ନାଗରିକ ଓ ୧୦ ଜଣ ଦିବ୍ୟାଙ୍ଗ ମତଦାତା ୧୨ ଡି ଫର୍ମରେ ଆବେଦନ କରିଛନ୍ତି। ସେହିପରି ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୩୮ ଜଣ ବରିଷ୍ଠ ନାଗରିକ ମତଦାତା ଓ ୧୪ ଜଣ ଦିବ୍ୟାଙ୍ଗ ମତଦାତା ଫର୍ମ ୧୨ ଡିରେ ଆବେଦନ କରିଥିବା ସୂଚନା ମିଳିଛି।

## ବିଜେଡିରେ ସାମିଲ ହେଲେ ବିଜେପି କର୍ମକର୍ତ୍ତା



**ଶଗଡ଼ା, ୧୪।୫( ସମିସ):** କଣ୍ଟାମାଲ ବିଧାୟକ ମହୀଧର ରଣାଙ୍କ ଉପସ୍ଥିତିରେ ବିଜେପି ଜିଲ୍ଲା ଏସ୍‌ସି ମୋର୍ଚ୍ଚା ଉପସଭାପତିଙ୍କ ସମେତ ଅନେକ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଜେପି ଏସ୍‌ସି ମୋର୍ଚ୍ଚା ସଭାପତି ଅଲେଖ ବେହେରାଙ୍କ ନେତୃତ୍ୱରେ ଅନେକ ବିଜେପି କର୍ମୀ କଣ୍ଟାମାଳ ବ୍ଲକ ଅଧୀନ ଘଣ୍ଟାପଡ଼ାସ୍ଥିତ ବିଜେଡି କାର୍ଯ୍ୟାଳୟକୁ ଯାଇ ଦଳରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦର୍ଶ, ସ୍ୱଚ୍ଛ ଶାସନ, ଲୋକାଭିମୁଖୀ ଯୋଜନା ଓ କଣ୍ଟାମାଳ ବିଧାୟକ ମହୀଧର ରଣାଙ୍କ ଉନ୍ନୟନ ମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ବିଜେଡ଼ି ପକ୍ଷରୁ ବିଧାୟକ ଶ୍ରୀ ରଣା ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ତହସିଲ ସରଭଙ୍ଗ, ଚନ୍ଦ୍ରମଣି ନାଗ, ଗୁଲେଖ ବେହେରା, ପ୍ରକାଶ ବାଘ, ପତ୍ରୁ ବାଘ, ଜୟସିଂହ ସୁନା, ଉତ୍ତମ ସୁନା, ମିନ ବେହେରାଙ୍କ ସମେତ ଅନେକ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ତାଙ୍କୁ ଦଳରେ ଅଣଦେଖା କରାଯାଉ ଥିବାରୁ ନିଜ ସମର୍ଥକଙ୍କ ସହ ସେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି।

## ପ୍ରାର୍ଥୀଙ୍କୁ ଜନଇସ୍ତାହାର ପ୍ରଦାନ



**ବୌଦ୍ଧ, ୧୪।୫(ସମିସ):** ବୌଦ୍ଧ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ବିଧାୟକ ପ୍ରାର୍ଥୀଙ୍କୁ ବୌଦ୍ଧ ଜିଲ୍ଲା ଆଦିମ ଅଧିବାସୀ ଏକତା ମଞ୍ଚ ଜନ ଇସ୍ତାହାର ପ୍ରଦାନ କରି ସମ୍ମତି ପତ୍ର ନେଇଛି। ସମସ୍ତ ଦଳ ନିର୍ବାଚନ ଇସ୍ତାହାର ପ୍ରକାଶ କରୁଛନ୍ତି; ହେଲେ ମଞ୍ଚ ପକ୍ଷରୁ ଲୋକଙ୍କ ମୌଳିକ ସମସ୍ୟାକୁ ନେଇ ଏକ ଇସ୍ତାହାର ପ୍ରକାଶ କରାଯାଇଛି। ତାହା ଉପରେ ପ୍ରାର୍ଥୀଙ୍କ ସମ୍ମତି ପତ୍ର ମଗା ଯାଇଛି। ମନରେଗାରେ ଶ୍ରମିକ ମଜୁରୀ ବୃଦ୍ଧି, ସରକାରଙ୍କ ୫୦ ପ୍ରତିଶତ ଅନୁଦାନ କୃଷିର ଉନ୍ନତିରେ ବିନିଯୋଗ, ଚାଷୀଙ୍କୁ ରବି ଫସଲ ପାଇଁ ପ୍ରୋତ୍ସାହନ, ଖାଦ୍ୟ ନିରାପତ୍ତାରେ ପୁଷ୍ଟିକର ଖାଦ୍ୟ ସାମିଲ, ପାନୀୟ ଜଳର ସୁରକ୍ଷା ଓ ସ୍ୱାସ୍ଥ୍ୟ ସେବା ପାଇଁ ଆଇନ ପ୍ରଣୟନ ସମେତ ଜଙ୍ଗଲ ଜମି ଅଧିକାର, ଯୁବ ବର୍ଗଙ୍କୁ ଆତ୍ମନିର୍ଭରଶୀଳ ଆଦି ବିଭିନ୍ନ ୧୭ଟି ବିଷୟ ଜନ ଇସ୍ତାହାରରେ ସାମିଲ କରାଯାଇଛି। ପ୍ରଥମେ ମଞ୍ଚ ତରଫରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ପ୍ରାର୍ଥୀ ନବ ମିଶ୍ରଙ୍କୁ ଏହି ଜନ ଇସ୍ତାହାର ପ୍ରଦାନ କରାଯାଇ ସମ୍ମତି ପତ୍ର ଗ୍ରହଣ କରାଯାଇଛି। ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀଙ୍କୁ ଜନ ଇସ୍ତାହାର ପ୍ରଦାନ କରି ସମ୍ମତି ପତ୍ର ଅଣାଯିବ ବୋଲି ମଞ୍ଚର କର୍ମକର୍ତ୍ତା ସୂଚନା ଦେଇଛନ୍ତି।

## ବିଏଲ୍‌ଓଙ୍କୁ ତାଲିକା ପ୍ରଦାନ



ମନମୁଣ୍ଡା, ୧୪।୫(ସମିସ): ମନମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିର୍ବାଚନ ଅଧିକାରୀ ତଥା ବିଏଲଓମାନଙ୍କୁ ନିର୍ବାଚନୀ କାଗଜପତ୍ର ପ୍ରଦାନ କରାଯାଇଛି। ଏଥିସହ ଭୋଟରଙ୍କୁ ଚିରକୁଟ ପ୍ରଦାନ କରାଯାଇଛି। ଯୋଗିନ୍ଦ୍ରପୁର ସିଆରସିସି ତଥା ନିର୍ବାଚନୀ ସୁପରଭାଇଜର ପ୍ରକାଶ ଚନ୍ଦ୍ର ପୁରୋହିତ ମନମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ଥାନୀୟ ସିଆରସିସି ପ୍ରଜିନା ପାଢ଼ୀଙ୍କ ଉପସ୍ଥିତିରେ ଦେଉଳି ବିଏଲଓ ଭରତ ସେନାପତି, ରତାଖଣ୍ଡି ବିଏଲ୍‌ଓ କରୁଣାକର ସାହୁ, ଖଇରମାଳ ବିଏଲଓ ରବିଚନ୍ଦ୍ର ପ୍ରଧାନ, ମନମୁଣ୍ଡା ବିଏଲଓ ଆନନ୍ଦ ପରମଗୁରୁଙ୍କ ସମେତ ଅନେକ ବିଏଲଓଙ୍କୁ ଭୋଟର ତାଲିକା ଓ ଅନ୍ୟାନ୍ୟ କାଗଜପତ୍ର ପ୍ରଦାନ କରିଥିଲେ। ସେହିପରି ବିଏଲଓମାନେ ନିଜ ନିଜ ବୁଥ୍ ଅଞ୍ଚଳ ବୁଲି ଭୋଟରଙ୍କୁ ସେମାନଙ୍କ ଭୋଟର ଚିରକୁଟ ପ୍ରଦାନ କରିଥଲେ।

■ ଉପାନ୍ତ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ

## ଶାନ୍ତିଶୃଙ୍ଖଳା ବଜାୟ ପାଇଁ ପରାମର୍ଶ

**ହରଭଙ୍ଗା, ୧୪।୫(ସମିସ):** ହରଭଙ୍ଗା ଥାନା ଅଧୀନ ସାତଖଣ୍ଡ, ହିଞ୍ଜଳ, କୁଟିବାରୀ, ଜାବର, ମହାଲିକପଡ଼ା, ଶଙ୍କୁଲେଇ, ଛତରଙ୍ଗ, ଶଙ୍କରଡା, ବୁଲୁରା ଓ ମଲିକପଡ଼ା ଆଦି ବିଭିନ୍ନ ଗ୍ରାମରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଏହାସହ ବିପୁଳ ମାତ୍ରରେ ଭୋଟ ଦେବାପାଇଁ ଭୋଟରଙ୍କୁ ସଚେତନତା କରାଯାଇଛି। ବିନା ଚାପରେ ତଥା କୌଣସି ପ୍ରଲୋଭନର ବଶବର୍ତ୍ତୀ ନ ହୋଇ ମୁକ୍ତ, ଅବାଧ ନିର୍ବାଚନ ପାଇଁ ୨୦ ତାରିଖ ସମସ୍ତେ ସାମିଲ ହୋଇ ଅଧିକ ସଂଖ୍ୟାରେ ଭୋଟ ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଇଛି। ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଓ ନିରେପେକ୍ଷ ନିର୍ବାଚନ ପରିଚାଳନାରେ ପ୍ରଶାସନକୁ ସହଯୋଗ କରିବାକୁ ଜନସାଧାରଣଙ୍କୁ ମଧ୍ୟ ଅନୁରୋଧ କରାଯାଇଛି। ଏସ୍‌ଡିପିଓ କୁଲଦୀପ ମୀନାଙ୍କ ତତ୍ତ୍ୱାବଧାନରେ ହରଭଙ୍ଗା ଥାନା ପୁଲିସ ଓ ଆଇଆରବି ଯବାନମାନେ ଫ୍ଲାଗମାର୍ଚ୍ଚ କରିବା ସହ ଭୋଟରଙ୍କୁ ସଚେତନ କରିଥିଲେ।



## ତରଭାରେ ନିରଞ୍ଜନଙ୍କ ଜୋର୍‌ଦାର୍ ପ୍ରଚାର



**ତରଭା, ୧୪।୫(ସମିସ):** ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଦଳଙ୍କ ସମେତ ସ୍ୱାଧୀନ ପ୍ରାର୍ଥୀଙ୍କ ଭୋଟ ପ୍ରଚାର ଜୋର୍ ଧରିବାକୁ ଲାଗିଛି। ଭୋଟରଙ୍କୁ ନିଜ ପଟକୁ ଆକୃଷ୍ଟ କରିବା ପାଇଁ ପ୍ରାର୍ଥୀ ଜୋର୍‌ସୋରରେ ଉଦ୍ୟମ ଚଳାଇଛନ୍ତି। ଆସନ୍ତା ୨୦ ତାରିଖ ଏଠାରେ ଭୋଟ ଗ୍ରହଣ ହେବ। ସୋନପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବିଜେଡି ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ପ୍ରଚାର ତରଭା ବ୍ଲକରେ ଆଗୁଆ ରହିଛି। ଶ୍ରୀ ପୂଜାରୀ ତାଙ୍କର ଶହ ଶହ ସମର୍ଥକଙ୍କ ସହ ତରଭା ବ୍ଲକ ରାଣୀସର୍ଦା, ମେଣ୍ଡା, ପୁଆ, ଦେଉଳପଦର ପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ରଚାର କରିଛନ୍ତି।

ଏଥିରେ ବ୍ଲକ ଅଧ୍ୟକ୍ଷ ସରୋଜ କର୍ମଙ୍କ ସମେତ ଦଳିୟ କର୍ମୀ ଘରଘର ବୁଲି ପଚାର କରିଥିଲେ। ମୁଖ୍ୟତଃ ମହିଳା ଓ ବୟସ୍କମାନଙ୍କୁ ଆକୃଷ୍ଟ କରିଥିଲେ। ସନ୍ଧ୍ୟାରେ ତରଭାରେ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ଏକ ଭବ୍ୟ ରୋଡ୍ ଶୋ' ହୋଇଥିଲା। ଏହା ନୂଆଁପଡ଼ାରୁ ବାହାରି ରଥପଡ଼ା, ମେହେର ପଡ଼ା, ସୁନାରୀ ପଡ଼ା, ମାରୱାଡି ପଡ଼ା, ହାଟପଦା ସହ ତରଭା ସହର ପରିକ୍ରମା କରିଥିଲା। ଘର ଘର ବୁଲି ଉଭୟ ଲୋକସଭା ଓ ବିଧାନ ସଭା ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାପାଇଁ ନିବେଦନ କରାଯାଇଥିଲା। ଏଥିରେ ବିଜେଡିର ହେମନ୍ତ ସାହୁ, ବନ୍ଦିତା ନାଏକ, ଗଗନ ଅଗ୍ରୱାଲ, ସୁବାଷ ସେଠୀ, ଶୈଳେନ୍ଦ୍ର ସାହୁ, ଆକାଶ ସାହୁ, ସତ୍ୟନାରାୟଣ ପୁଝାରୀ, ଶତ୍ରୁଘ୍ନ ପୃଷ୍ଟି, ମାନଭଞ୍ଜନ ମିଶ୍ର, ଜନାର୍ଦ୍ଦନ ଥନାପତି, ସୁରେନ୍ଦ୍ର ଦଳବେହେରା, ତରଭା ଏନଏସି ଓ ବ୍ଲକର ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ଓ ସମର୍ଥକ ସାମିଲ ହୋଇଥିଲେ।

## ପଦ୍ମନାଭଙ୍କ ମାରାଥନ୍ ପ୍ରଚାର



**ବୀରମହାରାଜପୁର, ୧୪।୫(ସମିସ):** ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ମଙ୍ଗଳବାର ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନ ପ୍ରଚାର କରାଯାଇଛି। ବିଜେଡି ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା ବୀରମହାରାଜପୁର ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ମାରାଥନ୍ ପ୍ରଚାର କରିଛନ୍ତି। ବିଜେଡି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ସେ ନିବେଦନ କରିଛନ୍ତି। ରଥପୁର ଛକରେ ଦଳୀୟ କର୍ମୀ ଓ ସମର୍ଥକ ତାଙ୍କୁ ସ୍ୱାଗତ କରିଥିଲେ। ସେଠାରୁ ସେ ଏକ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରି ନିର୍ବାଚନୀ ପ୍ରଚାର କରିଛନ୍ତି। ପ୍ରଥମେ ଉଫୁଲା ପଞ୍ଚାୟତର ରଥପୁର, ଟିଠିପାଲି, କମଳପୁର, ଟାଙ୍ଗରସାହି, ମୁଶୁଣି ପଞ୍ଚାୟତର କର୍ଡାପାଲ, ମୁର୍ଷୁଣି, ତେନ୍ତୁଲିମହଦା, ଜଟେସିଂହା ପଞ୍ଚାୟତର କୁଡ଼ାପଡ଼ା, ବାଗବର ପଞ୍ଚାୟତର ଷଣ୍ଢା, କେନ୍ଦୁପାଲି ଚମ୍ପାମାଲ ପଞ୍ଚାୟତର ଝାରକୁମୁଣ୍ଡା, ରଥିପଡ଼ା, ହନୁମାନପାଲି, ହିଲୁଙ୍ଗ ପଞ୍ଚାୟତର ମେଣ୍ଡାମାଳ ଓ ହିଲୁଙ୍ଗ ଗ୍ରାମରେ ପଦ୍ମନାଭ ପ୍ରଚାର କରିଥିଲେ। ପ୍ରତି ଗ୍ରାମରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନିର୍ବାଚନୀ ସଭା କରି ନବୀନ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡିକ ଉପରେ ପଦ୍ମନାଭ ଲୋକଙ୍କୁ ବୁଝାଇଥିଲେ। ବିଏସ୍‌କେୱାଇ, ୧୦୦ୟୁନିଟ୍ ବିଜୁଳି ବିଲ୍ ଛାଡ, ମିଶନ ଶକ୍ତି ମହିଳାଙ୍କୁ ପେନସନ ପ୍ରଦାନ, ୧୫ଲକ୍ଷ ଟଙ୍କା ବିନା ସୁଧରେ ଏସଏଚଜି ମହିଳାଙ୍କୁ ଋଣ ପ୍ରଦାନ, କଲେଜ ଛାତ୍ରୀଛାତ୍ରଙ୍କୁ ୧୨ ହଜାର ଏବଂ ୧୪ ହଜାର ଛାତ୍ରବୃତ୍ତି ପ୍ରଦାନ, ବୀରମହାରାଜପୁରର ସର୍ବାଙ୍ଗୀନ ଉନ୍ନତି ହୋଇଥିବା ପଦ୍ମନାଭ ପ୍ରକାଶ କରିଥିଲେ। ଏହି ଅବସରରେ ବ୍ଲକ ବିଜେଡି ସଭାପତି ଶୟମ୍ଭୁନାଥ ଖଣ୍ଡଗିରି, ଜିଲ୍ଲା ବିଜେଡି ଉପସଭାପତି ରଞ୍ଜିତ ରଥ, କିଶୋର ହୋତା, ବୀରମହାରାଜପୁର ବ୍ଲକ ସରପଞ୍ଚ ସଂଘ ସଭାନେତ୍ରୀ ଶ୍ରୀୟା କର୍ମୀ, ସରପଞ୍ଚ ସଂଘ ସମ୍ପାଦକ ତଥା ଲୁତୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ, ଚମ୍ପମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ମୁର୍ଷୁଣି ସରପଞ୍ଚ ମନୋଜ ସାହୁ, ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହୁରୀ, ବାଗବର ସରପଞ୍ଚ ନିରୁପମା ବଗର୍ତ୍ତି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାଜଗୋପାଳ ପାଣିଗ୍ରାହୀ, ଦୟାନିଧି ମେହେର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରେନ୍ଦ୍ରେ ପତି, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ସତ୍ୟଞ୍ଜିବ ମିଶ୍ର, ପ୍ରେମାନନ୍ଦ ଜଟି, ହିଲୁଙ୍ଗ ସମିତିସଭ୍ୟ ଶୈଳ ରଞ୍ଜନ ବାଦୀ, ପୂର୍ବତନ ହିଲୁଙ୍ଗ ସରପଞ୍ଚ ଅଶୋକ ମହାକୁର, ରତ୍ନ ଗୋପାଳ ସିଂହଙ୍କ ସମେତ ବିଜେଡି ସମର୍ଥିତ ଅନେକ ପୂର୍ବତନ ଜନ ପ୍ରତିନିଧି, ଦଳୀୟ କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ।

● ଜଙ୍ଗଲ ରାସ୍ତାରେ ଡକାୟତି

## ଯୁବକଙ୍କ ବାଇକ୍, ମୋବାଇଲ, ଟଙ୍କା ଲୁଟ୍

**କଣ୍ଟାମାଳ, ୧୪।୫(ସମିସ):** କଣ୍ଟାମାଳ ଥାନା ବୁଢ଼ିମାଳ ଗାଁ ଜଙ୍ଗଲ ରାସ୍ତାରେ ଡକାୟତି ଘଟିଛି। ଜଣେ ବ୍ୟକ୍ତିଙ୍କଠାରୁ ଦୁର୍ବୃତ୍ତ ଟଙ୍କା, ମୋବାଇଲ ଓ ବାଇକ୍ ଲୁଟି ନେଇଛନ୍ତି। ଘଣ୍ଟାପଡ଼ା ଥାନା ଆମ୍ବଗାଁ ପଞ୍ଚାୟତ କୁରୁକୁପା ଗ୍ରାମର ଦେବଦାସ ମହାପାତ୍ର ଏହି ଲୁଟ୍‌ର ଶିକାର ହୋଇଛନ୍ତି। ସେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ରବିଙ୍ଗିଆ ଗ୍ରାମକୁ ନିଜର ବଡ଼ ଭଉଣୀ ଘରକୁ ଯାଇ ଫେରୁଥିବା ବେଳେ ଏହି ଡକାୟତିର ଶିକାର ହୋଇଛନ୍ତି। ବୁଢ଼ିମାଳ ଗାଁ ପାଖ ଜଙ୍ଗଲ ରାସ୍ତାରେ ହଠାତ ମୁହଁରେ ଧଳା ଗାମୁଛା ବାନ୍ଧିଥିବା ୨ ଜଣ ବ୍ୟକ୍ତି ତାଙ୍କୁ ଅଟକାଇ ଥିଲେ। ଛୁରା ଓ ଭଙ୍ଗା ବୋତଲ ଦେଖାଇ ଧମକାଇଥିଲେ। ତାଙ୍କ ପାଖରେ ଥିବା ୨ ହଜାର ଟଙ୍କା, ଗୋଟିଏ ମୋବାଇଲ ଏବଂ ବାଇକ୍ ନେଇ ଲୋଇସିଂ ଗ୍ରାମ ଅଭିମୁଖେ କ୍ଷୀପ୍ର ଗତିରେ ପଳାଇଥିଲେ। ଏ ନେଇ ଅଭିଯୋଗକାରୀ ଦେବଦାସ ଘଣ୍ଟାପଡ଼ା ଥାନରେ ଲିଖିତ ଅଭିଯୋଗ କରିଛନ୍ତି।

## ୩୦ କେଜି ଗଞ୍ଜେଇ ସହ ବାଇକ୍ ଜବତ, ୨ ଗିରଫ

**ବାଉଁଶୁଣି, ୧୪।୫(ସମିସ):** ବୌଦ୍ଧ ଜିଲ୍ଲା ବାଉଁଶୁଣି ପୁଲିସ ୩୦ କେଜି ୩ ଶହ ଗ୍ରମା ଗଞ୍ଜେଇ ସହ ଏକ ବାଇକ୍ ଜବତ କରିଛି। ଦୁଇ ଗଞ୍ଜେଇ ମାଫିଆ ତାଳପଡ଼ା ଗ୍ରାମର ରାଜକୁମାର୍ ଉର୍ମା (୨୪) ଓ ବହିରା ଗ୍ରାମର ପ୍ରକାଶ କଲତା (୩୦)କୁ ଗିରଫ କରିଛି। ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳଙ୍କ ନେତୃତ୍ୱରେ ମଙ୍ଗଳବାର ସକାଳେ ଜୁରାମୁଣ୍ଡା ଗ୍ରାମ୍ୟ ରାସ୍ତା ରେଳ ଧାରଣା ନିକଟରେ ପୁଲିସ ଟିମ୍ ଚଢ଼ଉ କରିଥିଲା। ଏକ ବାଇକ୍‌ରେ ଉଭୟ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଧର ପଡ଼ିଥିଲେ।

## ଟ୍ରାକ୍ଟର ଚାପାରେ ନାବାଳକ ମୃତ

**ବୌଦ୍ଧ, ୧୪।୫(ସମିସ):** ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ଡମ୍ବରୁଗଡ଼ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡମ୍ବରୁଗଡ଼ର କବୀର ସେଠୀ (୧୬)। କବୀର ସେଠୀ ସାଙ୍ଗମାନଙ୍କ ସହ ମହାନଦୀକୁ ସାଇକେଲ ଯୋଗେ ଗାଧୋଇବା ପାଇଁ ଯାଉଥିଲେ; ମହାନଦୀକୁ ବାଲି ଆଣିବା ପାଇଁ ଯାଉଥିବା ଏକ ଟ୍ରାକ୍ଟରରେ ଅଧା ବାଟରୁ ବସିଥିଲେ। ଦୁର୍ଭାଗ୍ୟକୁ ଟ୍ରାକ୍ଟରରେ ଯାଉଥିବା ବେଳେ କବୀର ଖସିପଡ଼ିଥିଲେ। ତାଙ୍କ ଉପରେ ଟ୍ରାକ୍ଟର ଚକ ଚଢିଯାଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ଖବର ପାଇ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବାଉଁଶୁଣୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବାଉଁଶୁଣୀ ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଡାକ୍ତରଖାନା ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

## ବିପୁଳ ଚୋରି ଲୁହା ସାମଗ୍ରୀ ଜବତ

**ବୌଦ୍ଧ, ୧୪।୫(ସମିସ):** ବୌଦ୍ଧ ଥାନା ରାଧାନଗର ପଞ୍ଚାୟତ ଦାମୋଦରପୁର ଗ୍ରାମରୁ ଲୁହା ସାମଗ୍ରୀ ଓ ପାଇପ୍ ଜବତ ହୋଇଛି। ଏହି ମାମଲାରେ ଗାଁର ସୁଧୀର ସାହୁ ଗିରଫ ହୋଇଛି। ବୌଦ୍ଧ ଆଦର୍ଶ ଥାନା ଆଇଆଇସି ରଞ୍ଜିତ ମୁନୀଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ୍ ଦାମୋଦରପୁରରେ ଚଢଉ କରିଥିଲା। ସୁଧୀର ଘର ପଛ ପଟରୁ ବିପୁଳ ପରିମାଣର ଚୋରା ଲୁହା ସାମଗ୍ରୀ ଓ ପାଇପ ଜବତ କରିଥିଲା। ଜବତ ସାମଗ୍ରୀଗୁଡିକ ବିଦ୍ୟୁତ୍ କରଣ, ରେଳପଥ ନିର୍ମାଣ ଓ ପାଇପ ଲାଇନ କାମରେ ବ୍ୟବହୃତ ହୋଇଥାଏ।

## ସୋନପୁର ସହରରେ ମହୁମାଛି ଆତଙ୍କ

**ସୋନପୁର, ୧୪।୫ (ସମିସ):** ସୋନପୁର ଜିଲ୍ଲାପାଳ ଅଫିସ୍ ରୋଡ୍‌ରେ ଥିବା ଏକ ଘରୋଇ ସ୍କୁଲ କାନ୍ଥରେ ଦୀର୍ଘ ମାସରୁ ବସା ବାନ୍ଧିଥିବା ମହୁମାଛି ଏବେ ସ୍ଥାନୀୟ ଅଞ୍ଚଳର ବହୁ ଲୋକଙ୍କୁ ଆକ୍ରମଣ କରି ଭୟର ବାତାବରଣ ସୃଷ୍ଟି କରିଛନ୍ତି। କୌଣସି କାରଣରୁ କିଛିଦିନ ହେଲା ମହୁମାଛି ଅଶାନ୍ତ ହୋଇ ଉଗ୍ରରୂପ ଧାରଣ କରିଛନ୍ତି। ଏଠାରେ ଦୋକାନ ଏବଂ ଜଳଖିଆ ଦୋକାନ କରିଥିବା ଦୁଇ ଜଣଙ୍କୁ ମହୁମାଛି ଆକ୍ରମଣ କରିଛନ୍ତି। ଏହି ରାସ୍ତା ଦେଇ ଯାତାୟାତ କରୁଥିବା କିଛି ଲୋକଙ୍କୁ ବି ଆକ୍ରମଣ କରିଛନ୍ତି। ନିକଟରେ ଚା ଦୋକାନ କରିଥିବା ଦୀପ୍ତି ମିଶ୍ର ଓ ତାଙ୍କ ବାପାଙ୍କ ସମେତ ରାସ୍ତାରେ ଯାଉଥିବା ଅନେକ ଲୋକଙ୍କୁ ମହୁମାଛି ଆକ୍ରମଣ କରିଛନ୍ତି। ତେବେ ଶତାଧିକ ମହୁମାଛିଙ୍କ ଆକ୍ରମଣରେ ଦୀପ୍ତିଙ୍କ ବାପା ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ ମିଶ୍ର ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମହୁମାଛି ବସା ଯୋଗୁଁ ସ୍କୁଲପିଲା, ଅଭିଭାବକ ଓ ସ୍ଥାନୀୟଲୋକେ ଅସୁରକ୍ଷିତ ମଣୁଛନ୍ତି। ତେବେ ସ୍କୁଲ ଛୁଟି ଥିବାରୁ ସ୍କୁଲ କର୍ତ୍ତୃପକ୍ଷ ସୋନପୁରରେ ନ ଥିବା ଜଣାପଡ଼ିଛି। ତେଣୁ ସ୍କୁଲରେ ତାଲା ପଡ଼ିଥିବାରୁ ଘଉଡାଇବା ଅସୁବିଧା ହେଉଛି। ଏ ନେଇ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ଥାନୀୟ ଲୋକେ ଜଣାଇଛନ୍ତି। ବୁଧବାର ମହୁମାଛି ଘଉଡାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସେହିଭଳି ଜିଲ୍ଲାପାଳଙ୍କ ଅଫିସ୍ ଠିକ୍ ସମ୍ମୁଖ ଏବଂ ସୁବର୍ଣ୍ଣମେରୁ ମନ୍ଦିର ନିକଟରେ ଥିବା ବିଭିନ୍ନ ଗଛରେ ଅନେକ ମହୁମାଛି ବସା ରହିଛି। ସ୍ଥାନୀୟ ମଡେଲ ଡିଗ୍ରୀ କଲେଜରେ ୨୦/ ୩୦ ଗୋଟି ମହୁମାଛି ବସା ଯୋଗୁଁ କଲେଜ କର୍ତ୍ତୃପକ୍ଷ ଏବଂ ଛାତ୍ରଛାତ୍ରୀ ଆତଙ୍କିତ ହୋଇ ପଡ଼ିଛନ୍ତି।

● ଅବସରପ୍ରାପ୍ତ ଶିକ୍ଷକ ଗୁରୁତର

## ବାଦଲ ବେହେରା ବଡି ବିଲଡିଂ ଇଭେଣ୍ଟ୍‌ରେ ଏସୀୟ କ୍ରୀଡ଼ା ପାଇଁ ମନୋନୀତ

**ବୌଦ୍ଧ, ୧୪।୫(ସମିସ):** ବୌଦ୍ଧର ବାଦଲ ବେହେରା ଏସୀୟ ଭାରୋତ୍ତଳନ ପ୍ରତିଯୋଗିତାରେ ଦେଶ ତରଫରୁ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ଅଗଷ୍ଟ ୬ରୁ ୧୨ ପର୍ଯ୍ୟନ୍ତ ଇଣ୍ଡୋନେସିଆର ବତମରେ ଅନୁଷ୍ଠିତ ହେବାକୁ ଥିବା ଏସୀୟ ଭରୋତ୍ତଳନ ପ୍ରତିଯୋଗିତାରେ ୭୦ କେଜି ବର୍ଗରେ ସେ ଅଂଶଗ୍ରହଣ କରିବେ। ଚଳିତ ମାସ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ କେରଳର କୋଚିରେ ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ବାଦଲ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।



ଗତ ଏପ୍ରିଲ ମାସରେ ଜାତୀୟ ବଡି ବିଲଡିଂ ଆସୋସିଏସନ ଆନୁକୂଲ୍ୟରେ ଗୋଆରେ ଅନୁଷ୍ଠିତ ତ୍ରୟୋଦଶ ଜାତୀୟ ଫେଡେରେସନ କପ୍ ବଡି ବିଲଡିଂ ଚାମ୍ପିଅନସିପ୍‌ରେ ବାଦଲଙ୍କୁ ୭୦ କେଜି ବର୍ଗରେ ରୌପ୍ୟ ପଦକ ମିଳିଥିଲା। ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସରସରା ଗ୍ରାମର ବାଦଲ ପୂର୍ବରୁ ବ୍ରହ୍ମପୁରରେ ଗଞ୍ଜାମ ଜିଲ୍ଲା ଆମେଚ୍ୟୋର ବଡି ବିଲଡିଂ ଆସୋସିଏସନ ଦ୍ୱାରା ଆୟୋଜିତ ୨୦ତମ ରାଜ୍ୟସ୍ତରୀୟ ବଡି ବିଲଡିଂ ଚାମ୍ପିଅନସିପ୍‌ର ମିଷ୍ଟର ଓଡ଼ିଶା-୨୦୨୪ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଥଲେ। ପୁରୀରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବୀର କଳିଙ୍ଗପୁତ୍ର ବଡି ବିଲଡିଂ ଚାମ୍ପିଅନସିପରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ଓ ମହିଳା ସମାବେଶ

# 'ବିଜେଡି କ୍ଷମତାକୁ ଆସିଲେ ଅଞ୍ଚଳର ବିକାଶ ଦ୍ୱିଗୁଣିତ ହେବ'

ଦେଓଗାଁ, ୧୪।୫(ସମିସ)

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ବରକାନୀ ଆମ୍ରକାନନ ଠାରେ ମଙ୍ଗଳବାର ଅପରାହ୍ଣରେ ବିଜୁ ଜନତା ଦଳ ପକ୍ଷରୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ତଥା ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ସୁନୀଲ କୁମାର ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ବିଜେଡି ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂ ଦେଓ ଯୋଗଦେଇଥିଲେ। ବିଜେଡି କ୍ଷମତାକୁ ଆସିଲେ ଓ ବଲାଙ୍ଗିର ବିଧାନସଭା କ୍ଷେତ୍ରରେ ବିଧାୟକ, ଲୋକସଭା କ୍ଷେତ୍ରରେ ସାଂସଦ ବିଜୟୀ ହେଲେ ଅଞ୍ଚଳର ବିକାଶ ଦ୍ୱିଗୁଣିତ ହେବ ବୋଲି ଶ୍ରୀ ସିଂ ଦେଓ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହାସହ କେନ୍ଦୁପତ୍ର ତୋଳାଳୀଙ୍କ ପରିବାର ପାଇଁ ରାଜ୍ୟ ସରକାର ବିଶେଷ ଦୃଷ୍ଟି ଦେଉଥିବାବେଳେ ଆଗକୁ ବିଜେଡି ସରକାର କ୍ଷମତାସୀନ ହେଲେ ଓଡ଼ିଶାର ୯୦ ପ୍ରତିଶତ ଉପଭୋକ୍ତାଙ୍କ ବିଜୁଳୀ ବିଲ୍ ଆଉ ଆସିବନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିସାରିଛନ୍ତି ବୋଲି କଳିକେଶ ଅବଗତ କରିଥିଲେ। ଏଥିସହ ଉଭୟ ସାଂସଦ ଓ ବିଧାୟକଙ୍କ ପାଇଁ ଶଙ୍ଖ ଚିହ୍ନରେ ୨ଟି ଭୋଟ୍ ଦେବାକୁ ଅନୁରୋଧ କରିଥିଲେ। ସମାବେଶରେ ସମ୍ମାନିତ ଅତିଥିଭାବେ ରାଜ୍ୟ କେନ୍ଦୁପତ୍ର ସଂଘର ସମ୍ପାଦକ ଶିବାନନ୍ଦ ପରିଚ୍ଛା ଯୋଗଦେଇ ରାଜ୍ୟ ସରକାର କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳୀମାନଙ୍କ ପାଇଁ ଯେଉଁ ସରକାରୀ ସହାୟତା କରିଛନ୍ତି ସେ ଉପରେ ଅବଗତ କରିଥିଲେ। ଏଥିସହ ରାଜ୍ୟରେ ନବୀନ ସରକାର ଗଠନ ପାଇଁ ବିଧାୟକ ପ୍ରାର୍ଥୀ କଳିକେଶଙ୍କ ସପକ୍ଷରେ ଭୋଟ ଦେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଭାବେ ବରିଷ୍ଠ ନେତା ଉମାଶଙ୍କର ସିଂ, ୧୩ନଂ ଜିଲ୍ଲା ପରିଷଦ ସଭ୍ୟା ସୁମତୀ ସେଠ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗୁରୁଦେବ ରଣା, ବାସୁଦେବ ମେହେର, ସ୍ଥାନୀୟ ସରପଞ୍ଚ କୁଶମଣୀ ମେହେର ଓ ଜଳନ୍ଧର ବଡ଼ିଆ ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ଦେଇଥିବାବେଳେ କାମେଶ୍ୱର ମେହେର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ।ଛ ଏହିଦିନ ସନ୍ଧ୍ୟାରେ ଦେଓଗାଁ, ଜରାସିଂହା, ହାତିସରା ଓ ନାଇକେନସିରା ଆଦି ଗ୍ରାମରେ ବିଜେଡି ପକ୍ଷରୁ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମମାନଙ୍କରେ ବିଧାୟକ ପ୍ରାର୍ଥୀ କଳିକେଶ ଯୋଗଦେଇ ଅଞ୍ଚଳର ସେବା କରିବାପାଇଁ ସମସ୍ତେ ଥରେ ସୁଯୋଗ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ବିଜେଡି ବ୍ଲକ ସଭାପତି ଶୁଶୀଲ କୁମାର ଚାନ୍ଦ, ରାଜ୍ୟ ସମ୍ପାଦକ ଲକ୍ଷ୍ମଣ କୁମାର ମେହେର, ବିଜୁ ଯୁବ ଜନତା ଦଳ ବ୍ଲକ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟା ମମତା କୁମୁରା, ହାତିସରା ସରପଞ୍ଚ କେଲୋ ଡାଙ୍ଗ, ହାତିସରା ଯୁବନେତା ହିତେଶ ଦଲାଇ, ରାଜୁ ମେହେର, ମାନସ ଦଲାଇ ତଥା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।






# କଣ୍ଟାବାଞ୍ଜିରେ ବିଜେଡିର ମିଶ୍ରଣ ପର୍ବ

**କଣ୍ଟାବାଞ୍ଜି, ୧୪।୫(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଜୁ ଜନତା ଦଳ କାର୍ଯ୍ୟାଳୟରେ ବିଜେଡି ନେତା ଗିରି ରାଜ ସିଂ ମାଝିଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ତୁରେକେଲା ବ୍ଲକ ମହଖଣ୍ଡ, ବଡ଼ବାଙ୍କୀ, ଝରଣୀ, କନ୍ଦେଇ, କୁଇବାହାଲ, କମେଇମୁଣ୍ଡା ଓ ଅନ୍ୟ ବିଭିନ୍ନ ପଞ୍ଚାୟତର ଏକାଧିକ ବିଜେପି ଓ କଂଗ୍ରେସ ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳି ବିଜୁ ଜନତା ଦଳ ମୁଖ୍ୟ ନିର୍ବାଚନ ସଂଯୋଜକ ଭୂପିନ୍ଦର ସିଂହ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନୂତନ ଭାବେ ଦଳରେ ଯୋଗଦେଇଥିବା କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରଗତି ଆଣିଛନ୍ତି। ବିଏସ୍‌କେୱାଇ କାର୍ଡ ଗରୀବ ଓ ଅସହାୟ ଲୋକଙ୍କ ପାଇଁ ବରଦାନ ସାଜିଛି। କଣ୍ଟାବାଞ୍ଜିରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଛିଡ଼ାହୋଇଛନ୍ତି। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ବିକାଶ ହୋଇଛି ଏବଂ ଆଗକୁ ଏହି ପ୍ରକ୍ରିୟା ଜାରି ରହିବ। ଏବେ ନିର୍ବାଚନ ଅଛି ବୋଲି କେନ୍ଦ୍ରମନ୍ତ୍ରୀମାନେ ବାରମ୍ବାର ଗସ୍ତ କରୁଛନ୍ତି; କିନ୍ତୁ ନିର୍ବାଚନ ସରିଗଲେ କାହିଁକି ଆସିଥିଲେ ତାଙ୍କୁ ମଧ ଜଣାନାହିଁ। ସେମାନେ ସବୁ ଭାଙ୍ଗିଯିବେ କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଁ ଆପଣଙ୍କ ସାଙ୍ଗେ ରହିବେ। ତୁରେକେଲା ବ୍ଲକର ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ ପ୍ରତିନିଧି ଭାବେ ଗିରିରାଜ ସିଂ ମାଝୀ ଆପଣଙ୍କ ସୁଖ ଦୁଃଖ ବୁଝିବେ ବୋଲେ ଶ୍ରୀ ସିଂହ କହିଥିଲେ। କଣ୍ଟାବାଞ୍ଜି ସଂଯୋଜକ ଦୁର୍ଗାପ୍ରସାଦ ସାମନ୍ତରାୟ, ତୁରେକେଲା ବ୍ଲକ ସଂଯୋଜକ ପ୍ରଶାନ୍ତ ସେଠୀ, ବିଜେଡି ନେତ୍ରୀ ନିରୁପମା ମାଝୀ, ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲ, ସମ୍ପାଦକ ରାଜେନ୍ଦ୍ର ବେହେରା, କଣ୍ଟାବାଞ୍ଜି ନଗର ସଭାପତି ଜଗୁ ରାଓ, ବିଜେଡି ନେତା କିଶୋର ମଛଖଣ୍ଡ, ଦେବାର ବାରିକ, ସୂର୍ଯ୍ୟ ପ୍ରତାପ ମିଶ୍ର, ଅଭି ନାଗ, ବିଷ୍ଣୁ ଯୁଏଡ ପ୍ରମୁଖ ଉପସ୍ଥିତ ଥିବାବେଳେ ତୁରେକେଲା ବ୍ଲକ ସଭାପତି ଆଶାଦୁଲ ଖାଁ ମଞ୍ଚ ପରିଚାଳନା କରିଥିଲେ।



ଗୁଡ଼ଭେଲା ବ୍ଲକରେ ଜମୁଛି ଟୁକୁନି ସାହୁଙ୍କ ନିର୍ବାଚନ ପ୍ରଚାର

# ରୋଡ ଶୋ'ରେ ସାମିଲ ହେଲେ ବାବୁସାନ ଓ ଏଲିନା

**ତୁଷୁରା, ୧୪।୫(ସମିସ):** ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୁଡ଼ଭେଲା ବ୍ଲକରେ ଗ୍ରୀଷ୍ମ ତାତି ଠାରୁ ନିର୍ବାଚନ ତାତି ବଢ଼ିବାରେ ଲାଗିଛି। ନିଜ ବଳକୁ ଆହୁରି ବୃଦ୍ଧି କରିବା ପାଇଁ ପ୍ରାର୍ଥୀ ମନ୍ତ୍ରୀ ଟୁକୁନୀ ସାହୁ ପ୍ରଚାରରେ ଲୋକପ୍ରିୟ ଅଭିନେତା ଏବଂ ଅଭିନେତ୍ରୀମାନଙ୍କୁ ପ୍ରଚାରରେ ସାମିଲ ହୋଇଥିବା ଦେଖିବାକୁ ମିଳୁଛି। ସେହିପରି ମଙ୍ଗଳବାର ପ୍ରଥମେ ଡାହିମାଲ, ଦେଉଳଗୁଡି, କୁରେଭନା, ଡୁଙ୍ଗୀବାହାଲ, ଗୁଡଭେଲା ଠାରେ ଏବଂ ପରେ ସନ୍ଧ୍ୟା ୫ଟାରୁ ତୁଷୁରା ଏନଏସିରେ ମନ୍ତ୍ରୀ ଟୁକୁନୀ ସାହୁଙ୍କ ରୋଡ ସୋ' ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ଟୁକୁନୀ ସାହୁ ତାଙ୍କ ମନ୍ତ୍ରୀ ସମୟରେ ଗୁଡଭେଲା ବ୍ଲକର ଉନ୍ନତି ଏବଂ ତୁଷୁରା ଏନଏସିର ଉନ୍ନତି କରିଥିବା ସମସ୍ତ ଯୋଜନାଗୁଡିକ କହିଥିଲେ। ସିଧାସଳଖ ବିରୋଧିଙ୍କୁ ଟାର୍ଗେଟ କରି ବିରୋଧିଙ୍କୁ ଭୋଟ ନଦେବା ପାଇଁ କହିଥିବା ଦେଖିବାକୁ ମିଳିଥିଲା। ରୋଡ ସୋ'ରେ ଓଡ଼ିଆ ସିନେମା ଜଗତର ଲୋକପ୍ରିୟ ଅଭିନେତା ବାବୁଶାନ ମହାନ୍ତି, ଅଭିନେତ୍ରୀ ଏଲିନା ସାମନ୍ତରାୟ, ଆଲବମ ହିରୋଇନ୍ ଏଲିନା ଦାଶ ସାମିଲ ହୋଇ ମନ୍ତ୍ରୀ ଟୁକୁନୀ ସାହୁ ଏବଂ ସୁରେନ୍ଦ୍ର ସିଂ ଭୋଇଙ୍କୁ ଭୋଟ ଦେବା ପାଇଁ ପ୍ରଚାର କରିଥିଲେ। ଏଥିରେ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ବିଜେଡି ସଭାପତି ରଣ ପୃଷ୍ଟି, ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ ଜୟସ୍ୱାଲ, ଜିଲ୍ଲା ପରିଷଦ ସଭ୍ୟ ରାମ ନିବାସ ଅଗ୍ରୱାଲ, ଜ୍ୟୋତି ମହାପାତ୍ର, ଅଭିଷେକ ସାହୁ, ଛବି ସାହୁ, ନିରୋଦ ନାଗ, ପପୁ ଜୟସ୍ୱାଲ, ଚିରାଗ ସିଂ ଦେଓ, ବିକାଶ ଶର୍ମାଙ୍କ ସହିତ ଅଞ୍ଚଳର ଶତାଧିକ ବିଜେଡି କର୍ମୀମାନେ ସାମିଲ ହୋଇଥିଲେ।



# ଏନ୍‌ଏସିର ୩ ୱାର୍ଡରେ ଜମୁଛି ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର



**ପାଟଣାଗଡ଼, ୧୪।୫(ସମିସ):** ପାଟଣାଗଡ଼ ଏନ୍‌ଏସିର ୬, ୭ ଓ ୮ ନମ୍ବର ୱାର୍ଡରେ ବିଜେଡି ପ୍ରାର୍ଥୀ ସରୋଜ ମେହେରଙ୍କ ନିର୍ବାଚନ ପ୍ରଚାର ଜୋର୍‌ସୋର୍‌ରେ ଜମୁଛି। ଏହି ୩ଟି ୱାର୍ଡର ପ୍ରତି ଘରକୁ ଘର ବୁଲି ସ୍ଥାନୀୟ ଲୋକଙ୍କୁ ସାକ୍ଷାତ କରି ଗତ ପାଞ୍ଚ ବର୍ଷରେ ପାଟଣାଗଡ଼ ତଥା ଉପଖଣ୍ଡ ଅଞ୍ଚଳରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ବିଷୟରେ ଲୋକଙ୍କୁ ସଚେତନ କରାଇ ନିର୍ବାଚନ ପ୍ରଚାର କରିଛନ୍ତି। ଏହି ପ୍ରଚାର ସମୟରେ ୱାର୍ଡର ପୁରୁଷ ଓ ମହିଳାଙ୍କ ପୂର୍ଣ୍ଣ ସମର୍ଥନ ମିଳିଥିବା ଦେଖିବାକୁ ମିଳିଥିଲା। ଏହି ପ୍ରଚାର ସମୟରେ ବିଧାୟକଙ୍କ ସହ ଏନଏସି ଅଧ୍ୟକ୍ଷା ମାନସୀ ବିଶ୍ୱାଳ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ମେହେର, ସୁକୁମାର ମେହେର, ପରେଶ ସାହୁଙ୍କ ସହ ବିଜେଡି ଦଳର ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ହଲନଭଟାରେ ବିଜୁ ଜନତା ଦଳର ବୈଠକ ଓ ପ୍ରଚାର



**ତୁରେକେଲା, ୧୪।୫(ସମିସ):** କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ତୁରେକେଲା ବ୍ଲକ ଅନ୍ତର୍ଗତ ହଲନଭଟା ପଞ୍ଚାୟତରେ ବିଜେଡି ନେତ୍ରୀ ନିରୂପମା ମାଝିଙ୍କ ନେତୃତ୍ୱରେ ବିଜେଡି ବିଧାୟକ ପ୍ରାର୍ଥୀ ନବୀନ ପଟ୍ଟନାୟକ ଓ ଲୋକସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂହ ଭୋଇଙ୍କ ସପକ୍ଷରେ ନିର୍ବାଚନୀ ବୈଠକ ଓ ପ୍ରଚାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତୁରେକେଲା ବ୍ଲକ ବିଜୁ ଜନତା ଦଳ ସଂଯୋଜକ ପ୍ରଶାନ୍ତ ସେଠୀ ଯୋଗଦେଇ ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ ତଥା ଯୁଗାନ୍ତକାରୀ ଯୋଜନା ବିଷୟରେ ସଚେତନ କରିଥିଲେ। ସମସ୍ତ ଜନକଲ୍ୟାଣକାରୀ ଯୋଜନା ସଫଳ ହୋଇଥିବା କହିବା ସହ ଆସନ୍ତା ୨୦ ତାରିଖ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ଜନସାଧାରଣଙ୍କୁ ସେ ନିବେଦନ କରିଥିଲେ। ବରିଷ୍ଠ ନେତା ଶ୍ରୀଧର ମାଝୀ, ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲ, ସମିତି ସଭ୍ୟ ପଦ୍ମା ସମ୍ରଦ, ବିଜେଡି ନେତ୍ରୀ ସରସ୍ୱତୀ ପଟେଲ, ପରମେଶ୍ୱର ମେହେର, ପୀତବାସ ମେହେର, ଗୁରୁଚରଣ ବାଗ, ବଳରାମ ମାଝୀ, ପବନ ସିଂ ନାଗ, ବରିଷ୍ଠ ବିଜେଡି ନେତା ଦୈତାରୀ ଭୋଇ, ଯୁବ ବିଜେଡି ନେତା ଲମ୍ବୁ ମହାନନ୍ଦ, ଜଳନ୍ଧର ମହାନନ୍ଦ, ଚୌଧୁରୀ ତାଣ୍ଡିଙ୍କ ସହ ଏକାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଖବର ପ୍ରସାରଣ ପରେ ଗୌନ୍ତିଆ ପଡ଼ାରେ ଲାଗିଲା ଟ୍ରାନ୍ସଫର୍ମର

ସକାଳ ପ୍ରଭାବ

**ଖପ୍ରାଖୋଲ, ୧୪।୫ (ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅର୍ନ୍ତଗତ ସାହାଜପାଣି ପଞ୍ଚାୟତରେ ଥିବା ସାହାଜପାଣି ଗ୍ରାମର ଗୌନ୍ତିଆପଡ଼ାରେ କିଛି ଦିନ ତଳେ ୧୦କେଭି ଟ୍ରାନ୍ସଫର୍ମର ଖରାପ ହୋଇଥିଲା। ଯାହାଫଳରେ ପଡ଼ାବାସୀ ଅନ୍ଧାରରେ ରହୁଥିବା ଅଭିଯୋଗ କରିଥିଲେ। ଏନେଇ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀ ତତ୍ପରତା ଦେଖାଇଛନ୍ତି। ଗୌନ୍ତିଆ ପଡ଼ାରେ ନୂତନ ଟ୍ରାନ୍ସଫର୍ମର ଲଗାଇ ବିଦ୍ୟୁତ୍ ଜନିତ ସମସ୍ୟାର ସମାଧାନ କରିଥିବା ଜଣାପଡ଼ିଛି। ନୂତନ ଟ୍ରାନ୍ସଫର୍ମର ଶୀଘ୍ର ଲାଗିଥିବାରୁ ଗୌନ୍ତିଆ ପଡ଼ାବାସୀ ଖୁସି ହୋଇ ଦୈନିକ 'ସକାଳ' ଓ ବିଭାଗୀୟ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।



# ଶେମ୍‌ଫୋର୍ଡ ଫ୍ୟୁଚରିଷ୍ଟିକ୍ ସ୍କୁଲ୍ ସିବିଏସ୍‌ଇ ସହ ଅନୁବନ୍ଧିତ




**ବଲାଙ୍ଗିର, ୧୪।୫(ସମିସ):** ଶେମଫୋର୍ଡ ଫ୍ୟୁଚରିଷ୍ଟିକ ସ୍କୁଲ ବଲାଙ୍ଗିର ଗତ ୨ ତାରିଖ ଦିନ ସିବିଏସ୍‌ଇ ନୂଆଦିଲ୍ଲୀ ସହ ଅନୁବନ୍ଧିତ ହୋଇଯାଇଛି। ଏହି ଖବରଟି ବଲାଙ୍ଗିର ଶିକ୍ଷାବିତ, ସ୍କୁଲର ଛାତ୍ରଛାତ୍ରୀ, କର୍ତ୍ତୃପକ୍ଷ ଓ ଅଭିଭାବକମାନେ ବେଶ ଆନନ୍ଦ ପ୍ରକାଶ କରିଛନ୍ତି। ଏହା ଦ୍ୱାରା ଆଗାମୀ ଦିନରେ ବହୁ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ। ସ୍କୁଲର ସଭାପତି ଆଶିଷ କୁମାର ରଥ, ସମ୍ପାଦକ ସଞ୍ଜୀବ ରଥ, ପରିଚାଳନା ନିର୍ଦ୍ଦେଶିକା ନୀଲମ ରଥ ଓ ଅଧ୍ୟକ୍ଷ ପ୍ରତାପ କୁମାର ଜେନାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ଏହି ସ୍କୁଲ ଗତ ୧୨ ବର୍ଷ ଧରି ବଲାଙ୍ଗିର ସହରରେ ଗୁଣାତ୍ମକ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ କରିଆସୁଛି। ଛାତ୍ରଛାତ୍ରୀଙ୍କୁ ମାନସିକ ଓ ବୌଦ୍ଧିକ ସ୍ତରରେ ସୁଦୃଢ଼ କରିବା ପାଇଁ ବିଦ୍ୟାଳୟଟି ସଦାସର୍ବଦା ପ୍ରଯତ୍ନଶୀଳ। ଏକ ସୁସ୍ଥ ସମାଜ ଓ ଆଦର୍ଶ ନାଗରିକ ଗଠନ କରିବା ହେଉଛି ବିଦ୍ୟାଳୟର ମୂଳଲକ୍ଷ୍ୟ। ଉତ୍ତମ ଶିକ୍ଷାଦାନ ସହ ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ନତମାନର ଶିକ୍ଷାଦାନ ଓ ଶିକ୍ଷଣ ସୁବିଧା ରହିଛି। ସ୍କୁଲ ଶିକ୍ଷକଶିକ୍ଷୟିତ୍ରୀଙ୍କ ନିଷ୍ଠାପର ଶିକ୍ଷାଦାନ, ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ ତଥା ଅଭିଭାବକଙ୍କ ସହଯୋଗ ଏହି ସଫଳତାର ଉତ୍ସ ବୋଲି ସ୍କୁଲ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

# ମାସେ ଯାଇନି ରାସ୍ତାରେ ଫାଟ

କଣ୍ଟାବାଞ୍ଜି, ୧୪।୫(ସମିସ)

ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନିୟମିତତା

ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ କରୁଆମୁଣ୍ଡା ପଞ୍ଚାୟତ ସର୍ଗୁଲ୍ ଗାଁକୁ ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସର୍ଗୁଲ ଗ୍ରାମରୁ ଠାରୁ ଦେଓଗାଁ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ନୂତନ ରାସ୍ତା କାମ ନିମ୍ନମାନର ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ମାସେ ନ ପୁରୁଣୁ ରାସ୍ତାରୁ ପିଚୁ ଧଶି ଯାଉଛି। ଠିକାଦାରଙ୍କ ମନୋମୁଖୀ ଯୋଗୁଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ପିଚୁ ଉଠିଯାଇ ଗାତ ହୋଇଥିବାରୁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ମଧ ଘଟୁଥିବା ନଜର ହେଉଛି। ପ୍ରଶାସନ ଲୋକଙ୍କ ଉତ୍ତମ ସୁବିଧା ଓ ଗମନାଗମନ ରାସ୍ତା ନିର୍ମାଣରେ ପର୍ଯ୍ୟାପ୍ତ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଠିକାଦାର ଓ ଅଧିକାରୀଙ୍କ ଖାମଖିଆଲିରେ ନିମ୍ନମାନର ରାସ୍ତା ତିଆରି କରିଥିବାରୁ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ରାସ୍ତା କାମ ବିଷୟରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଏହା ନୂତନ ରାସ୍ତା ନୁହଁ, ଏହା ରାସ୍ତା ପ୍ରଶସ୍ତୀକରଣ କାମ ଚାଲିଛି। ଏହି ରାସ୍ତା କାମରେ ୨ କୋଟି ଟଙ୍କା ବ୍ୟୟ କରାଯାଉଛି। ଯଦି କାମ ଭଲ ହେଉନାହିଁ ଏହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ରାସ୍ତାକୁ ଦେଖିଲେ ଯିଏ କେହିବି ସହଜରେ ଅନୁମାନ କରି କହିବ ଅତି ନିମ୍ନମାନର କାମ ହୋଇଛି। ଏହି କାମର ଉଚ୍ଚସ୍ତରୀୟ ତଦନ୍ତ କରି ଠିକାଦାର ଓ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



